ଧରିତ୍ରୀ

ତାରିଖ: ୨୩.୦୩.୨୦୨୫

# ବିଆଇଆଇଟିଏମ୍‌ର ଗ୍ରାଜୁଏଶନ ସେରିମନି



ଭୁବନେଶ୍ୱର,୨୨।୩(ଅନୁରାଧା ମହାରଣା)

ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫରମେଶନ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍ (ବିଆଇଆଇଟିଏମ୍)ର ଗ୍ରାଜୁଏଶନ ସେରିମନି ଶନିବାର ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ବିଆଇଆଇଟିଏମର ଆନ୍ଥେମ୍ ଗାନ କରାଯାଇଥିଲା। ପ୍ରିନ୍ସିପାଲ ପ୍ରଫେସର ଡ. ମିହିର ରଞ୍ଜନ ନାୟକ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଡିନ୍(ଏକାଡେମିକ୍) ପ୍ରଫେସର ଡ. ଚିନ୍ମୟ କୁମାର ଦାଶ ବିବରଣୀ ପ୍ରଦାନ କରିଥିଲେ। ଏହାପରେ ପରାମର୍ଶଦାତା (ଏକାଡେମିକ୍) ପି. ଆର. ପଟ୍ଟନାୟକ ମନ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ୨୦୨୨-୨୪ ଶିକ୍ଷାବର୍ଷର ଏମ୍‌ବିଏ ଛାତ୍ରୀଛାତ୍ର ଏବଂ ୨୦୧୯-୨୫ ଶିକ୍ଷାବର୍ଷ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରମାଣପତ୍ର ଓ ମେଡାଲ ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଟାଟା ଷ୍ଟିଲ ଲିମିଟେଡ୍‌ର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ପଙ୍କଜ ସତିଜା ଅଭିଭାଷଣ ପ୍ରଦାନ କରିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭକାମନା ଜଣାଇଥିଲେ। ଡିନ୍ (କର୍ପୋରେଟ୍ ଟ୍ରେନିଂ) ଡ. ସୁଦୀପ ଘୋଷ ଧନ୍ୟବାଦ ଦେଇଥିଲେ।